# The Orissa Gazette

**EXTRAORDINARY**

**PUBLISHED BY AUTHORITY**

**No. 297, CUTTACK, FRIDAY, MARCH 10, 2006/ FALGUNA 19, 1927**


## HOUSING & URBAN DEVELOPMENT DEPARTMENT

NOTIFICATION

The 7th March 2006

**S.R.O. No.88/**2006—In pursuance of sub-section (I) and clause (b) of sub-section(2) of section 54 of Orissa Municipal Act, 1950 (Orissa Act 23,1950) the State Government do hereby publish the resolution passed by two third of the total number of the Councillors of Digapahandi Notified Area Council at a meeting of the said Notified Area Council specially convened by the Collector and District Magistrate, Ganjam but presided over by the Tahasildar, Digapahandi being authorisd by the District Magistrate, Ganjam under clause (d) of sub-section (2) of section 54 of the said act held at 11-00 A.M. on 17th February 2006 in the conference hall of Digapahandi Notified Area Council recording want of confidence on the Chairperson Shri V. Ravi Narayan Raju of aforesaid Notified Area Council along with records of proceedings at such meeting.

Shri V. Ravi Narayan Raju holding the office of Chairperson shall be deemed to have vacated such office with effect from the date of passing of the resolution i.e. 17th February 2006.

### ଦିଗପହଣ୍ଡି ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ (ଚେୟାରପର୍ସନ)ଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବ ପକ୍ଷେ ଆହୂତ ସ୍ୱତନ୍ତ୍ର ବୈଠକ

ତା 17-2-2006 ରିଖ

ସ୍ଥାନ– ବିଜ୍ଞାପିତ ଅଞ୍ଚଳ ପରିଷଦ,
ଦିଗପହଣ୍ଡି ସଭାଗୃହ
ସମୟ– ଦିବା 11 ଘଣ୍ଟା(11 A.M.)

ଜିଲ୍ଲା ମାଜିଷ୍ଟ୍ରେଟ, ଗଞ୍ଜାମ କାର୍ଯ୍ୟାଳୟ ଆଦେଶ ସଂଖ୍ୟା 360, ତା 9-2-2006 ରିଖ ମୁତାବକ କାର୍ଯ୍ୟସୂଚୀ ।

ଦିଗପହଣ୍ଡି ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ (ଚେୟାରପର୍ସନ)ଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବ ପାଇଁ ମତଦାନ ।

ଅଦ୍ୟ ତା 17-2-2006 ରିଖ ଦିବା 11 ଘଣ୍ଟା ସମୟରେ ପରିଷଦର ସଭାଗୃହ ଠାରେ ଜିଲ୍ଲା ମାଜିଷ୍ଟ୍ରେଟ୍, ଗଞ୍ଜାମଙ୍କ ଉପରୋକ୍ତ ଚିଠି ସଂଖ୍ୟା ମତେ ଓ ଏହାର ଜ୍ଞାପକ ସଂଖ୍ୟା 362, ତା 9-2-2006 ନିର୍ଦ୍ଦେଶ ପ୍ରକାରେ ତହସିଲଦାର, ଦିଗପହଣ୍ଡି ତଥା ପ୍ରିଜାଇଡ଼ିଂ ଅଫିସରଙ୍କ (ଧାରା 54) ସଭାପତିତ୍ୱରେ ଉପର ଦର୍ଶିତ ବିଷୟ ଉପରେ ମତଦାନ ନିମନ୍ତେ ଏହି ସଭା ବା ବୈଠକ ଆହୁତ ହେଲା ।

ଏହି ସଭା ବା ସ୍ୱତନ୍ତ୍ର ବୈଠକରେ ନିମ୍ନ ସ୍ୱାକ୍ଷରକାରୀ କାଉନ୍‌ସିଲରମାନେ ଉପସ୍ଥିତ ଅଛନ୍ତି ।

| କ୍ର.ସଂ. (1) | ନାମ (2) | ୱାଡ଼ ନଂ (3) | ତାରିଖ (4) | ସମୟ (5) | ସ୍ୱାକ୍ଷର (6) |
|---|---|---|---|---|---|
| 1 | ଉଦୟନାଥ ସ୍ୱାଇଁ | 9 | 17-2-2006 | 11-00 A.M. | ସ୍ୱାକ୍ଷରିତ |
| 2 | ପ୍ରଫୁଲ୍ଲ ପଣ୍ଡା | 7 | 17-2-2006 | 11-00 A.M. | ସ୍ୱାକ୍ଷରିତ |
| 3 | ବିଚିତ୍ର ବେହେରା | 6 | 17-2-2006 | 11-00 A.M. | ସ୍ୱାକ୍ଷରିତ |
| 4 | ରମେଶ ମଳିକ | 2 | 17-2-2006 | 11-00 A.M. | ସ୍ୱାକ୍ଷରିତ |
| 5 | ମାଗି ସେଠୀ | 10 | 17-2-2006 | 11-00 A.M. | ସ୍ୱାକ୍ଷରିତ |
| 6 | ସୁକାନ୍ତି ଗୌଡ଼ | 1 | 17-2-2006 | 11-00 A.M. | ସ୍ୱାକ୍ଷରିତ |
| 7 | ସଇଳ ବେହେରା | 3 | 17-2-2006 | 11-00 A.M. | ସ୍ୱାକ୍ଷରିତ |
| 8 | ବି. ବିଜୟ ଲକ୍ଷ୍ମୀ | 8 | 17-2-2006 | 11-00 A.M. | ସ୍ୱାକ୍ଷରିତ |
| 9 | ଶିବ ପ୍ରଧାନ | 5 | 17-2-2006 | 11-00 A.M. | ସ୍ୱାକ୍ଷରିତ |

ବିଜ୍ଞାପିତ ପରିଷଦର ମୋଟ 11 (ଏଗାର) ଜଣ ସଭ୍ୟ ଓ ସଭ୍ୟାମାନଙ୍କ ମଧ୍ୟରୁ 9 ଜଣ ଉପସ୍ଥିତ ଅଛନ୍ତି । ପ୍ରଥମେ ସମସ୍ତ ଉପସ୍ଥିତ ସଭ୍ୟ ଓ ସଭ୍ୟାଙ୍କ ସ୍ୱାକ୍ଷର ନିଆଗଲା । ତତ୍‌ପରେ ପ୍ରିଜାଇଡ଼ିଂ ଅଫିସର ତଥା ତହସିଲଦାର, ଦିଗପହଣ୍ଡି ଏହି ବୈଠକର ଆଭିମୁଖ୍ୟ ସମସ୍ତ ଉପସ୍ଥିତ ସଭ୍ୟ ଓ ସଭ୍ୟାଙ୍କୁ ବୁଝାଇଥିଲେ । ଓଡ଼ିଶା ମ୍ୟୁନିସିପାଲ ଆଇନ 1950 ର ଧାରା 54 ର କାର୍ଯ୍ୟ ପ୍ରଣାଳୀ ବିଷୟରେ ସଭ୍ୟ ଓ ସଭ୍ୟାମାନଙ୍କୁ ଅବଗତ କରାଇ ଦିଆଗଲା । ଅଦ୍ୟ ବୈଠକରେ ଏକମାତ୍ର କାର୍ଯ୍ୟସୂଚୀ ହେଲା ଅଧ୍ୟକ୍ଷ (ଚେୟାରପର୍ସନ) ବିରୁଦ୍ଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ଭୋଟ ଗ୍ରହଣ ।

ଉକ୍ତ ବୈଠକରେ ସମସ୍ତ 11 (ଏଗାର)ଜଣ କାଉନ୍‌ସିଲରମାନଙ୍କ ମଧ୍ୟରୁ 9 (ନଅ)ଜଣ ଉପସ୍ଥିତ ଥିବାରୁ ଧାରା 54(2)(କ) ଦ୍ରଷ୍ଟବ୍ୟ ନିର୍ଦ୍ଦେଶ ପ୍ରଯୁଜ୍ୟ ନ ହୋଇ ବୈଠକରେ ମତଦାନ ଆରମ୍ଭ କରାଗଲା । କାରଣ ଏହି ଉପସ୍ଥିତ ସଂଖ୍ୟା ଦୁଇ ତୃତୀୟାଂଶରୁ ଅଧିକା ଥିଲା । ଦୁଇ ତୃତୀୟାଂଶ କିମ୍ବା ତଦୁର୍ଦ୍ଧ ସଭ୍ୟ (ମୋଟ କାଉନସିଲର) ଉପସ୍ଥିତ ଥିବାରୁ ଏହି ମତଦାନ ଧାରା 54(2)(ର) ଅନୁସାରେ ହେବ । ଉକ୍ତ ବିଷୟ ସଭ୍ୟ ଓ ସଭ୍ୟାମାନଙ୍କୁ ବୁଝାଇ ଦିଆଗଲା । ନିର୍ଦ୍ଦେଶିତ ପ୍ରକାରେ ଗୁପ୍ତ ଭୋଟଦାନ ପାଇଁ ସଭାଗୃହର ଏକ ଅଂଶରେ ଏକ ଭୋଟିଂ ସ୍ଥାନ ନିରୁପଣ ହେଲା ଓ ଗୁପ୍ତ ଭୋଟ ପାଇଁ ସମସ୍ତ ସତର୍କତା ଅବଲମ୍ବନ କରାଗଲା । ଭୋଟଦାନର ପ୍ରଣାଳୀ ମଧ୍ୟ ସମସ୍ତ ସଭ୍ୟ ଓ ସଭ୍ୟାମାନଙ୍କୁ ବୁଝାଇ ଦିଆଗଲା । ଭୋଟଦାନ ପରେ ସଭାପତିଙ୍କ ନିକଟରେ ଥିବା ଭୋଟ ବାକ୍ସରେ ବାଲେଟ କାଗଜକୁ ଫୋଲଡ଼ିଙ୍ଗ କରି ପକାଇବା ପାଇଁ ସଭ୍ୟ ଓ ସଭ୍ୟାମାନଙ୍କୁ ଜଣାଇ ଦିଆଗଲା ।

ଏହାପରେ ଖାଲି ଭୋଟ ବାକ୍ସକୁ ଖୋଲି ସମସ୍ତଙ୍କୁ ଦେଖାଇବା ପରେ ବାକ୍ସରେ ତାଲା ପକାଇ ଚାବି ସଭାପତିଙ୍କ ପାଖରେ ରଖାଗଲା । ଏହି ମତଦାନ ନିମନ୍ତେ ଧଳା କାଗଜରେ ପ୍ରସ୍ତୁତ କରାଯାଇଥିବା ବାଲେଟ ପେପର ଉପସ୍ଥିତ ସଭ୍ୟ ଓ ସଭ୍ୟାମାନଙ୍କୁ ପ୍ରଦର୍ଶନ କରାଯାଇ ଏହାର ବ୍ୟବହାର ବୁଝାଇ ଦିଆଯାଇ ଏହି ଉଦ୍ଦେଶ୍ୟରେ ପ୍ରସ୍ତୁତ ରେଜିଷ୍ଟରରେ ସଭ୍ୟ ଓ ସଭ୍ୟାମାନଙ୍କର ସ୍ୱାକ୍ଷର ନେଇ ପ୍ରିଜାଇଡ଼ିଂ ଅଫିସରଙ୍କ ସ୍ୱାକ୍ଷର ଥିବା ବାଲେଟ ପେପର ଜଣ ଜଣଙ୍କୁ ଯୋଗାଇ ଦିଆଗଲା ଏବଂ ଗୁପ୍ତ ଭୋଟ ଦେବା ନିମନ୍ତେ କୁହାଗଲା । ଏହାପରେ ଜଣେ ଜଣେ ସଭ୍ୟ ଓ ସଭ୍ୟା ପ୍ରସ୍ତୁତ ହୋଇଥିବା ଭୋଟିଂ କମ୍ପାର୍ଟମେଣ୍ଟକୁ ଯାଇ ଭୋଟ ପ୍ରଦାନକରି ପ୍ରସ୍ତୁତ ହୋଇଥିବା ଭୋଟ ବାକ୍ସରେ ଉକ୍ତ ବାଲେଟ୍ ପେପରକୁ ପକାଇଥିଲେ । ମତଦାନ କଲମ ସାହାଯ୍ୟରେ ଠିକ୍ ଚିହ୍ନ (Right Mark) ଦେବାପାଇଁ ସୂଚାଇ ଦିଆଯାଇଥିଲା । କିନ୍ତୁ ମତଦାନ ଚାଲିଥିବା ସମୟରେ ଜଣେ କାଉନ୍ସିଲର ଶ୍ରୀ ଶିବ ପ୍ରଧାନ ଭୋଟ ଦେବାକୁ ମନାକରି ସଭାଗୃହ ତ୍ୟାଗ କରିଥିଲେ । ଏହି ଭୋଟ ଦେବା ପ୍ରଣାଳୀ ସଂପୂର୍ଣ୍ଣ ଶାନ୍ତି ଓ ଶୃଙ୍ଖଳାର ସହ ଦିବା ଘ. 12-15 ମି. ସମୟରେ ଶେଷ ହେଲା । ତତ୍‌ପରେ ସମସ୍ତ ଉପସ୍ଥିତ ସଭ୍ୟ ଓ ସଭ୍ୟାଙ୍କ ଉପସ୍ଥିତିରେ ପ୍ରିଜାଇଡ଼ିଂ ଅଫିସର ବନ୍ଦ ଭୋଟ ବାକ୍ସର ତାଲା ଖୋଲିଲେ ଓ ମତଦାନ ପତ୍ର ଗୁଡ଼ିକର ଗଣନା କଲେ । ମୋଟ 8 ଗୋଟି ମତଦାନ ପତ୍ର ସେଥିରୁ ପାଇଲେ ଏବଂ ଏହା ଠିକ୍ ମତଦାନ ପତ୍ର ବୋଲି ସାବ୍ୟସ୍ତ ହୋଇଥିଲା । ମତଦାନ ଅନୁସାରେ ଏହାର ଗଣନା କରାଗଲା । ଗଣତିରୁ ଦେଖାଗଲା ଯେ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ସମସ୍ତ ଆଠ ଗୋଟି ଭୋଟ ଯାଇଅଛି । କୌଣସି ମତଦାନ ପତ୍ର ନାକଚ ହୋଇଥିବା ଦେଖାଗଲା ନାହିଁ, ଏଣୁ ପରିଷଦର ସଭ୍ୟ ସଭ୍ୟାଙ୍କ ଦୃଷ୍ଟେ ଏହି ଅନାସ୍ଥା ପ୍ରସ୍ତାବ ନିୟମ ମୁତାବକ ଦୁଇ ତୃତୀୟାଂଶ ସଭ୍ୟ ଓ ସଭ୍ୟାଙ୍କ ଦ୍ୱାରା ଗୃହିତ ହେଲା । ବିଜ୍ଞାପିତ ଅଞ୍ଚଳ ପରିଷଦ, ଦିଗପହଣ୍ଡିର ଅଧ୍ୟକ୍ଷ (ଚେୟାରପର୍ସନ)ଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବ ପରିଷଦର ଦୁଇ ତୃତୀୟାଂଶ ସଭ୍ୟ ଓ ସଭ୍ୟାଙ୍କ ଦ୍ୱାରା ଗୃହୀତ ହୋଇଥିବା ପରିପ୍ରେକ୍ଷିରେ ଓଡ଼ିଶା ମ୍ୟୁନିସିପାଲ ଆଇନ 1950 ଧାରା 54(1) ବ୍ୟବସ୍ଥା ଦୃଷ୍ଟେ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ (H. & U.D. Department) ତଥା ଜିଲ୍ଲା ମାଜିଷ୍ଟ୍ରେଟ୍, ଗଞ୍ଜାମଙ୍କ ତତ୍‌କାଳ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବୈଠକରେ ନିର୍ଦ୍ଧାରଣ (ମତଦାନର ଫଳାଫଳ) ତଥା ତତ୍‌ସଂପୃକ୍ତ ସମସ୍ତ କାଗଜାତ୍ ପ୍ରେରଣ କରାଗଲା ।

KAILASH CHANDRA SAHU
Tahasildar, Digapahandi and
Presiding Officer.
as per section 54 O.M. Act.

[No.6243-Spl.ml.-21/2006/HUD.]

By order of the Governor

R. B. NAYAK
Director, Municipal Administration &
*Ex Officio* Additional Secretary to Government

Printed and published by the Director, Printing, Stationery and Publication, Orissa, Cuttack-10
Ex. Gaz. 1914-193+20